بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୧୭ ଜାନୁଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ସରିୟା ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ ଯାହାକି ଉସେର୍ ବିନ୍ ରିଜାମ୍ ଅଭିମୁଖେ ଏବଂ ସରିୟା ଉମ୍‌ରୋ ବିନ୍ ଉମଇୟା ଜମ୍‌ରୀର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଆଜି ଯେଉଁ ସରିୟାଗୁଡ଼ିକର ଆଲୋଚନା ହେବ ସେଥିମଧ୍ୟରେ ସରିୟା ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ ଯାହାକି ଉସେର୍ ବିନ୍ ରିଜାମ୍ ଅଭିମୁଖେ ଥିଲା । ଏହି ସରିୟା ୬ ହିଜ୍‌ରୀରେ ଉସେର୍ ଅଥବା ୟୁସେର୍ ବିନ୍ ରିଜାମ୍ ଅଭିମୁଖେ ଖୈବର୍ ଅଞ୍ଚଳରେ ଘଟିଥିଲା ।

ଏହି ଯୁଦ୍ଧର ବିସ୍ତୃତ ବିବରଣୀ ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ଅବୁ ରାଫେ ସଲାମ୍ ବିନ୍ ଅବି ଅଲ୍ ହକିକ୍‌କୁ ହତ୍ୟା କରାଗଲା ସେତେବେଳେ ୟହୁଦିମାନେ ଉସେର୍ ବିନ୍ ରିଜାମ୍‌ଙ୍କୁ ନିଜର ଅମିର୍ (ପ୍ରଧାନ) ମନୋନୀତ କରିନେଲେ । ସେ ୟହୁଦିମାନଙ୍କ ଗହଣରେ ଛିଡ଼ା ହୋଇ ଭାଷଣ ଦେବା ଆରମ୍ଭ କଲା ଯେ, ମୁଁ ସେହି କାର୍ଯ୍ୟ ସମ୍ପନ୍ନ କରିବି ଯାହାକି ମୋ ସାଥୀମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବି କରି ନାହାନ୍ତି । ମୁଁ ଗତ୍‌ଫାନ କବିଲା ନିକଟକୁ ଯାଉଛି ଏବଂ ସେମାନଙ୍କୁ ଏକତ୍ରୀତ କରିବି । ସେଥିଅନ୍ତେ ଆମେ ସାମୂହିକ ଭାବରେ ମୁହମ୍ମଦ [ସ.ଅ]ଙ୍କ ଘରେ ଅର୍ଥାତ ମଦିନାରେ ପ୍ରବେଶ କରିବୁ । ଯେତେବେଳେ କୌଣସି ଶତ୍ରୁ ପ୍ରତିପକ୍ଷର ଘରେ ପ୍ରବେଶ କରିଥାଏ ସେତେବେଳେ ସେ ନିଜ ଉଦ୍ଦେଶ୍ୟର କେତେକାଂଶରେ ସଫଳ ମଧ୍ୟ ହୋଇଯାଇଥାଏ । ସୁତରାଂ ସେ (ଦୁର୍ଜନ) ଗତଫାନ୍ ଓ ଅନ୍ୟ କବିଲା ଅଭିମୁଖେ ବାହାରି ପଡ଼ିଲା ଏବଂ ସେମାନଙ୍କୁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ବିରୋଧରେ ଏକତ୍ରୀତ କରିବାକୁ ଲାଗିଲା ।

ଏହି ଘଟଣାର ବ୍ୟାଖ୍ୟାତ୍ମକ ରଚନା ହଜରତ ମିର୍ଜା ବଶିର ଅହେମଦ ସାହେବ ମଧ୍ୟ କରିଛନ୍ତି ଯେ, ଯେତେବେଳେ ହୁଜୁର [ସ.ଅ]ଙ୍କ ଅମାନ୍ୟକାରୀଙ୍କର ଏହି ଗତିବିଧି ସଂକ୍ରାନ୍ତରେ ସୂଚନା ମିଳିଲା ସେତେବେଳେ ଆପଣ ସଙ୍ଗେସଙ୍ଗେ ଜଣେ ଅନ୍‌ସାରୀ ସାହାବି ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ [ର.ଅ]ଙ୍କ ସାଥିରେ ଅନ୍ୟ ତିନିଜଣ ସାହାବିଙ୍କୁ ଖୈବର୍ ଅଭିମୁଖେ ପ୍ରେରଣ କଲେ । ସୁତରାଂ ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ ଓ ତାଙ୍କ ସାଥୀମାନେ ଲୁଚିଛପି ଯାଇ ଶତ୍ରୁର ସମସ୍ତ ଗୁପ୍ତ ଅବସ୍ଥା ଓ ପ୍ରସ୍ତୁତିର ଖବର ହାସଲ କରି (ମଦିନା) ଫେରି ଆସିଲେ । ସେହି ଦିନମାନଙ୍କରେ ଜଣେ ଅଣମୁସଲମାନ ବ୍ୟକ୍ତି ଖାରଜାଃ ବିନ୍ ହୁସେଲ୍ ସଂଯୋଗ ବଶତଃ ଖୈବର୍ ଅଞ୍ଚଳରୁ ମଦିନା ଆସିଲେ ଏବଂ ସେ ମଧ୍ୟ ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ [ର.ଅ]ଙ୍କ ପ୍ରଦତ୍ତ ସୂଚନାର ସମର୍ଥନ କଲେ ।

ଏହି ସମର୍ଥନ ପରେ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ[ସ.ଅ] ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ [ର.ଅ]ଙ୍କ ନେତୃତ୍ୱରେ ୩୦ଜଣ ସାହାବାଙ୍କର ଏକ ଦଳ ଗଠନ କରି ଖୈବର୍ ଅଭିମୁଖେ ପ୍ରେରଣ କଲେ । କିନ୍ତୁ କିଛି କୁହାଶୁଣା (ତର୍କ ବିତର୍କ) ଯାହାକି ଖୈବର୍ ସ୍ଥଳେ ଅବ୍‌ଦୁଲ୍ଲାଃ ବିନ୍ ରୱାହ୍ ଓ ଉସେର୍ ବିନ୍ ରିଜାମ୍ ମଧ୍ୟରେ ହୋଇଥିଲା, ତେବେ ପ୍ରତୀତ ହେଉଅଛି ଯେ ହୁଜୁର [ସ.ଅ]ଙ୍କର ଆଶା ଥିଲା କି ଉସେର୍‌କୁ ମଦିନା ଡ଼କାଇ ତାହା ସହିତ ଏପରି କୌଣସି

ଚୁକ୍ତି ସାକ୍ଷର କରାଯାଉ ଯଦ୍ଵାରା ଏହି ଉପଦ୍ରବର ଅନ୍ତ ଘଟିବ ଏବଂ ଦେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଅବ୍ୟାହତ ରହିବ । ଏହି ଆଶାରେ ହୁଜୁର ସ.ଅ ଏହି ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଯେ, ଯଦି ଉସେର୍‌କୁ ଖୈବର୍ ଅଞ୍ଚଳର ଅମିରତ୍ୱ ଦେବାକୁ ପଡେ ତେବେ ସେଥିପାଇଁ ମଧ୍ୟ ଆପଣ ପ୍ରସ୍ତୁତ ଥିଲେ । ଉସେର୍ ଯେଉଁ ଜିନିଷର ଭୀଷଣ ଅଭିଳାଷୀ ଥିଲା ଅଥବା ଏହା ସମ୍ଭବ ଯେ, ତାହା ହୃଦୟରେ ଅନ୍ୟ କୌଣସି ନିୟତ୍ ପ୍ରଚ୍ଛନ୍ନ ରହିଥିବ । ସେ ଜାହା ହେଉ ତାହାକୁ ଏହି ପ୍ରସ୍ତାବ ଖୁବ୍ ପସନ୍ଦ ଆସିଲା ଏବଂ ସେ ଅତି କମ୍‌ରେ ଏହା ପ୍ରକାଶ କଲା ଯେ, ଆପଣଙ୍କର ଏହି ପ୍ରସ୍ତାବରେ ମୁଁ ରାଜି । ବସ୍ତୁତଃ ଉସେର୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହ୍ ର.ଅଙ୍କ ଦଳ ସାଥିରେ ମଦିନା ଯିବାକୁ ରାଜି ହୋଇଗଲା । ଅତଏବ ସେହି ମୁସଲମାନ ଦଳ ସହିତ ସେ ନିଜର ୩୦ଜଣ ୟହୁଦି ସାଥୀଙ୍କୁ ନେଇ ବାହାରିଲା । ଯେତେବେଳେ ଏହି ଉଭୟଦଳ ଖୈବର୍ ଅଞ୍ଚଳରୁ ବାହାରି କର୍‌କରାଃ ନାମକ ଏକ ସ୍ଥାନରେ ପହଞ୍ଚିଲେ, ଯାହାକି ଖୈବର୍ ଠାରୁ ୬ ମାଇଲ୍ ଦୂରତାରେ ଅବସ୍ଥିତ ଥିଲା ସେତେବେଳେ ଉସେର୍‌ର ନିୟତ ପରିବର୍ତ୍ତନ ହୋଇଗଲା । ଅବା ଜଣା ନାହିଁ ପ୍ରାରମ୍ଭରୁ ହିଁ ତା'ର ଉଦ୍ଦେଶ୍ୟ ମନ୍ଦ ରହିଥିଲା, ତେବେ ଏପରି କୁହାଯାଇ ପାରିବ ଯେ ତାହା ପ୍ରକାଶ୍ୟ ହେବାର ବେଳ ଆସି ପହଞ୍ଚି ଯାଇଥିଲା । ଅତଃ ସେହି ମାର୍ଗରେ ହିଁ ମୁସଲମାନ ଓ ୟହୁଦିଙ୍କ ମଧ୍ୟରେ ଖଣ୍ଡା ଚାଳନା ଆରମ୍ଭ ହୋଇଗଲା । ଯଦିଚ ସଂଖ୍ୟାରେ ଉଭୟ ଦଳ ପ୍ରାୟ ସମାନ ଥିଲେ ଏବଂ ୟହୁଦିମାନେ ପୂର୍ବରୁ ହିଁ ମାନସିକ ରୂପେ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ଥିଲେ । କିନ୍ତୁ ଅପରପକ୍ଷେ ମୁସଲମାନମାନେ ଏଥିପ୍ରତି ସମ୍ପୂର୍ଣ୍ଣ ରୂପେ ଅଜ୍ଞ ଥିଲେ । କିନ୍ତୁ ପରାକ୍ରମୀ ଅଲ୍ଲାଃଙ୍କର କୃପାଶିଷ ଯୋଗୁଁ କିଛି ସାହାବା କ୍ଷତାକ୍ତ ତ ହେଲେ କିନ୍ତୁ ତାଙ୍କର କୌଣସି ପ୍ରାଣହାନୀ ଘଟିଲା ନାହିଁ । ଆଉ ଅପରପକ୍ଷେ ସମସ୍ତ ୟହୁଦିମାନେ ନିଜ ବିଶ୍ୱାସଘାତର ଅନଳ ନିଆଁର ସ୍ୱାଦ ଆସ୍ୱାଦନ କରି ନିହତ ହେଲେ ।

ଯେତେବେଳେ ସାହାବାଙ୍କର ଏହି ଦଳଟି ମଦିନାରେ ପହଞ୍ଚି ମହାଭାଗ ସ.ଅଙ୍କୁ ସମସ୍ତ ଘଟଣାର ବୃତ୍ତାନ୍ତ କଲେ ସେତେବେଳେ ହୁଜୁର ସ.ଅ ସମସ୍ତ ମୁସଲମାନମାନଙ୍କର ସୁରକ୍ଷିତ ଫେରି ଆସିଥିବା ଯୋଗୁଁ ଅଲ୍ଲାଃତାଲାଙ୍କର ବହୁତ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ; **ତୁମେମାନେ ମଧ୍ୟ ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କର ଯେ ତୁମମାନଙ୍କୁ ସେହି ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ପ୍ରଦାନ କଲେ ।** ଏହି ଘଟଣା ସଂକ୍ରାନ୍ତରେ କେତେକ ମସିହ ଇତିହାସବିତ୍ ଏହି ଆପତ୍ତି ବାଢ଼ିଛନ୍ତି, ଯେପରିକି ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହ୍ ର.ଅଙ୍କ ଦଳ ଉସେର୍ ଓ ତାଙ୍କ ସାଥୀଙ୍କୁ ଏହି ଉଦ୍ଦେଶ୍ୟରେ ଖୈବର୍‌ରୁ ଡ଼ାକି ଆଣିଥିଲେ କି ରାସ୍ତାରେ ହିଁ ସୁଯୋଗ ପାଇଁ ସେମାନଙ୍କର କାମ ତମାମ କରିଦେବେ, କିନ୍ତୁ ଯେପରିକି ଉପରେ ବର୍ଣ୍ଣନା କରି ଆସିଲି ଯେ ଇତିହାସ ପୃଷ୍ଠାରେ ଏହି ଭିତ୍ତିହୀନ ଓ ଅବାନ୍ତର ଅଭିଯୋଗର କୌଣସି ପ୍ରମାଣ ମିଳୁ ନାହିଁ । ବରଂ ଅନ୍ୟାନ୍ୟ ସାକ୍ଷୀକୁ ବାଦ ଦେଇ ଗଭୀର ଅନୁଧ୍ୟାନ ଓ ବିଶ୍ଳେଷଣ କଲେ କେବଳ ଅବ୍‌ଦୁଲ୍ଲାଃ ବିନ୍ ଉନେସ୍ ର.ଅଙ୍କ ଶବ୍ଦ ହିଁ ଯାହାକି (ଏପରି ଥିଲା) ଯେ, ହେ ଈଶ୍ୱରଙ୍କ ଶତ୍ରୁ ! କ'ଣ ବିଶ୍ୱାସଘାତ କରିବା ତୁମର ଉଦ୍ଦେଶ୍ୟ ? ପୁଣି ନବୀଶ୍ରେଷ୍ଠ ସ.ଅଙ୍କର ଏହି ଶବ୍ଦ ଯେ ତୁମମାନଙ୍କୁ ସେହି ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତି ପ୍ରଦାନ କଲେ, ଏକଥାକୁ ପ୍ରମାଣସିଦ୍ଧ କରିବା ସକାଶେ ଯଥେଷ୍ଟ କି ମୁସଲମାନମାନଙ୍କ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ପବିତ୍ର ଥିଲା ।

ପୁନଶ୍ଚ ସରିୟା ଉମରୋ ବିନ୍ ଉମଇୟା ଜମ୍‌ରୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯାହାକି ଅବୁ ସୁଫିୟାନ୍ ବିରୁଦ୍ଧରେ ଘଟିଥିଲା । ଇବ୍‌ନେ ହିଶାମ୍, ଇବ୍‌ନେ କସିର୍ ଓ ତବ୍‌ରୀ ଆଦି ଏହି ସରିୟା ୪ ହିଜ୍‌ରୀରେ ରଜଇ ଘଟଣା ପରେ ଘଟିଥିବାର ଦର୍ଶାଇଛନ୍ତି । କିନ୍ତୁ ଇବ୍‌ନେ ସାଦ୍ ଓ ଜର୍‌କାନୀ ଏହି ସରିୟା ୬ ହିଜ୍‌ରୀରେ ଘଟିଥିବା ସରିୟାଗୁଡ଼ିକର କ୍ରମରେ ବର୍ଣ୍ଣନା କରିଛନ୍ତି । ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ ମଧ୍ୟ "ସିରତ୍ ଖାତମୁନ୍ ନବିଈନ୍"ରେ ଏହି ସରିୟା ୬ ହିଜ୍‌ରୀରେ ସଂଘଟିତ ହୋଇଥିବାର ଉଲ୍ଲେଖ କରିଛନ୍ତି ।

ଏହି ସରିୟାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ଯେ ଅବୁ ସୁଫିୟାନ୍ କୁରୈଶ୍‌ର କିଛି ଲୋକମାନଙ୍କୁ କହିଲା; କ'ଣ ତୁମମାନଙ୍କ ମଧ୍ୟରୁ କେହି ଏପରି ବ୍ୟକ୍ତି ନାହାନ୍ତି ଯିଏକି ମୁହମ୍ମଦ ସ.ଅଙ୍କୁ ଅଚାନକ ହତ୍ୟା

କରିପାରିବ । ଯେତେବେଳେ କି ସେ ବଜାରରେ ଚଳପ୍ରଚଳ କରୁଥିବେ । ଅତଏବ ଅବୁ ସୁଫିୟାନ୍ ନିକଟକୁ ମଫସଲର ଜଣେ ଅଶିକ୍ଷିତ ବ୍ୟକ୍ତି ଆସିଲା ଅର୍ଥାତ ତାହା ଘରକୁ ଆସି କହିଲେ; ଯଦି ତୁମେ ମୋର ସାହାଯ୍ୟ କରିବ ତେବେ ମୁଁ ତୁମ କାର୍ଯ୍ୟ କରିଦେବି ଅର୍ଥାତ ମଦିନା ଯାଇ ମୁହମ୍ମଦ ସ.ଅଙ୍କ ଉପରେ ଅତର୍କିତ ଭାବରେ ଆକ୍ରମଣ କରିବି ଏବଂ ମୋ ନିକଟରେ ଏକ ଅସ୍ତ୍ର ରହିଛି ଯାହାକି ସାଗୁଣାର ପର ସଦୃଶ ଥିଲା । ସେହିଥିରେ ମୁଁ ହଜରତ ମୁହମ୍ମଦ ସ.ଅଙ୍କ ଉପରେ ଆକ୍ରମଣ କରି ଖସି ଆସିବି ଏବଂ କୌଣସି ଦଳ ସହିତ ସମ୍ମିଳିତ ହୋଇଯିବି । ଆଉ ଦୌଡ଼ି ଆସି ସେହି ଦଳଠାରୁ ଆଗକୁ ବଢ଼ିଯିବି କାରଣ ବାଟ ଚିହ୍ନିବାରେ ମୁଁ ଧୁରନ୍ଧର । ସୁତରାଂ ଅବୁ ସୁଫିୟାନ୍ ତାହାକୁ ଏକ ଓଟ ଓ କିଛି ବାଟଖର୍ଚ୍ଚ ଅର୍ପଣ କଲା । ସେ ରାତିରେ ଆସି ମଦିନାରେ ପହଞ୍ଚିଲା ଏବଂ ଲୋକମାନଙ୍କୁ ମହାଭାଗଙ୍କ ସମ୍ବନ୍ଧରେ ପଚାରିବାକୁ ଲାଗିଲା । ଏପରି ତାହାକୁ ହୁଜୁର ସ.ଅଙ୍କ ସଂକ୍ରାନ୍ତରେ ସୂଚିତ କରାଗଲା । ସେଥିଅନ୍ତେ ସେ ନିଜ ବାହନକୁ ଏକ ସ୍ଥାନରେ ବାନ୍ଧିଲା ଏବଂ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲା ସେତେବେଳେ ପୁଣ୍ୟଶ୍ଲୋକ ବନୁ ଅବ୍ଦଲ୍ ଅଶହଲ୍‌ଙ୍କ ମସଜିଦ୍‌ରେ ଉପସ୍ଥିତ ଥିଲେ ।

ଯେତେବେଳେ ମହାଭାଗଙ୍କର ତୀକ୍ଷ୍ଣଦୃଷ୍ଟି (ଦୂରଦର୍ଶିତା ଗୁଣ) ତାହା ଉପରେ ପଡିଲା ସେତେବେଳେ ପୁଣ୍ୟଶ୍ଲୋକ ସହସା କହିଲେ; ନିଶ୍ଚିତ ରୂପେ ଏହାର ଉଦ୍ଦେଶ୍ୟ ଧୋକା ଦେବା ପ୍ରତୀତ ହେଉଛି । କିନ୍ତୁ ତାହାର ମନ୍ଦ ଉଦ୍ଦେଶ୍ୟରେ ପରାକ୍ରମୀ ଅଲ୍ଲାଃ ବାଧକ ସ୍ୱରୂପ ଦଣ୍ଡାୟମାନ । ସୁତରାଂ ସେ ହୁଜୁର ସ.ଅଙ୍କ ଉପରେ ଆକ୍ରମଣ କରିବାକୁ ଆଗକୁ ଅଗ୍ରସର ହେଲା ସେତେବେଳେ ଉସେଦ୍ ବିନ୍ ହଜୀର୍ ତାହାକୁ ତାହାର ଚଦରର ଭିତର ପାର୍ଶ୍ୱର ଧଡ଼ିକୁ ଧରି ଟାଣି ଦେବାରୁ ତାହା ହସ୍ତରୁ ହତିଆର ଖସି ପଡିଲା ଏବଂ ସେ ଡ଼ାକ ମାରିଲା ମୋର ରକ୍ତ, ମୋର ରକ୍ତ ! ଅର୍ଥାତ ମୋତେ କ୍ଷମା କରିଦିଅ । ହଜରତ ଉସେଦ୍ ତାହାର ଗଳାକୁ ଜାବୁଡ଼ି ଧରି ଛାଡ଼ିଦେଲେ । ହୁଜୁରସ.ଅ ତାହାକୁ ପଚାରିଲେ, ମୋତେ ସତ କୁହ ତୁମେ କିଏ ? ସେ କହିଲା; ମୁଁ ଆପଣଙ୍କ ଠାରୁ ସୁରକ୍ଷା ତଲବ କରୁଅଛି । ମହାଭାଗ ଉତ୍ତର ଦେଲେ ଠିକ୍ ଅଛି । ସେଥିଅନ୍ତେ ସେ ନିଜ କାର୍ଯ୍ୟ ଓ ଅବୁ ସୁଫିୟାନ୍ ତାହାକୁ ଯେଉଁ ଦାୟିତ୍ୱ ଦେଇଥିଲା, ତାହା ସେ ପ୍ରକାଶ କରିଦେଲା । **ଏଥିରେ ଦୟା ଓ କ୍ଷମାର ପ୍ରତୀକ ପୁଣ୍ୟଶ୍ଲୋକ ତାହାକୁ ଛାଡ଼ିଦେଲେ । ଏଥିରେ ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଗଲା ।**

ଅବୁ ସୁଫିୟାନ୍‌ର ଏହି ରକ୍ତପିପାସୁ ପୂର୍ଣ୍ଣ ଷଡଯନ୍ତ୍ର ତାହାକୁ ପୂର୍ବାପେକ୍ଷା ଅଧିକ ଜରୁରୀ କରିଦେଲେ ଯେ, ମକ୍କାବାସୀଙ୍କ ନିୟତ୍ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସଚେତନ ରଖାଯାଉ । ସୁତରାଂ ଆପଣ ନିଜର ଦୁଇଜଣ ସାହାବି ଉମ୍‌ରୋ ବିନ୍ ଉମଇୟା ଜମ୍‌ରୀ ଓ ସଲ୍‌ମା ବିନ୍ ଅସ୍‌ଲମୀ ର.ଅଙ୍କୁ ମକ୍କା ଅଭିମୁଖେ ପ୍ରେରଣ କଲେ । ଅବୁ ସୁଫିୟାନ୍‌ର ହତ୍ୟାପୂର୍ଣ୍ଣ ଷଡଯନ୍ତ୍ର ଓ ତାହାର ପୂର୍ବ ଉପଦ୍ରବ ମୂଳକ କାଣ୍ଡକୁ ଦୃଷ୍ଟିରେ ରଖି ତାଙ୍କୁ ଅନୁମତି ପ୍ରଦାନ କଲେ ଯେ, ଯଦି ତୁମକୁ ସୁଯୋଗ ମିଳେ ତେବେ ଇସଲାମର ଏହି ପରମ ଶତ୍ରୁର କାମ ତମାମ କରିଦେବ । କିନ୍ତୁ ଯେତେବେଳେ ଉମଇୟା ଓ ତାହାର ସାଥୀ ମକ୍କାରେ ପହଞ୍ଚିଲେ ସେତେବେଳେ କୁରୈଶ୍ ସତର୍କ ହୋଇଗଲେ । ତେଣୁ ଉଭୟ ସାହାବାଦ୍ୱୟ ନିଜ ପ୍ରାଣ ବଞ୍ଚାଇ ସେଠାରୁ ମଦିନା ଫେରି ଆସିଲେ । ଆଉ ମାର୍ଗରେ ସେମାନଙ୍କୁ କୁରୈଶ୍‌ର ଦୁଇଜଣ ଗୁପ୍ତଚର ମିଳିଗଲେ । ଯାହାଙ୍କୁ କୁରୈଶ୍ ମୁସଲମାନମାନଙ୍କ ଗତିବିଧି ଓ ନବୀଶ୍ରେଷ୍ଠ ସ.ଅଙ୍କ ଅବସ୍ଥା ସଂକ୍ରାନ୍ତରେ ସୂଚନା ଆଣିବା ନିମନ୍ତେ ପ୍ରେରଣ କରିଥିଲେ । ଅସମ୍ଭବ ନୁହେଁ ଯେ, ଏଥିରେ ମଧ୍ୟ ଅମାନ୍ୟକାରୀଙ୍କର କୌଣସି ଗୁପ୍ତ ଷଡଯନ୍ତ୍ର ପ୍ରସ୍ତୁତ କରିବାର ଲକ୍ଷ ଥିବ । କିନ୍ତୁ ଅଲ୍ଲାଃଙ୍କ କୃପାରୁ ଉମଇୟା ଓ ସଲ୍‌ମା ର.ଅଙ୍କୁ ତାଙ୍କର ସୁରାଗ ମିଳିଗଲା ଏବଂ ସେମାନେ ତାଙ୍କ ଉପରେ ଆକ୍ରମଣ କରିଦେଲେ, ଫଳତଃ ଏହି ସଂଘର୍ଷରେ କୁରୈଶ୍‌ର ଜଣେ ଗୁପ୍ତଚର ନିହତ ହେଲା ଏବଂ ଅନ୍ୟ ଜଣକୁ କଏଦ କରି ସାହାବାଦ୍ୱୟ ମଦିନା ଘେନି ଆଣିଲେ । ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ବାକି ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତାରେ ଚର୍ଚ୍ଚା କରିବି ।

ମହାମହିମ ହୁଜୁର ଅନଓ୍ୱରଅ.ବ ଦୁଆ କରିବାକୁ ଆହ୍ୱାନ ଜଣାଇ କହିଲେ; ପାକିସ୍ତାନର ଶୋଚନିୟ ଅବସ୍ଥା ପାଇଁ ମୁଁ ବାରମ୍ବାର ଦୁଆ କରିବାକୁ କହି ଆସୁଅଛି । ସେଠାରେ ମଝିରେ ମଝିରେ ଚରମପନ୍ଥୀ ଦଳ ଅତିଶୟ

କଠୋରତା ଅବଲମ୍ବନ କରୁଛନ୍ତି । ବ୍ୟବସ୍ଥା ଓ ପ୍ରଶାସନ ମଧ୍ୟ ସେହି ଚରମପନ୍ଥୀ ମୌଲବୀଙ୍କ ହସ୍ତର ମାତ୍ର ଏକ କଣ୍ଢେଇ ସାଜି ରହିଯାଇଛି । ପୂର୍ବେ ତ କେବଳ ଏହି ଖବର ମିଳୁଥିଲା ଯେ, ମସଜିଦ୍‌ର ମିନାରା ଅଥବା ମେହ୍‌ରାବ (ମଧ୍ୟଭାଗ) ଭାଙ୍ଗିଦେଲେ । କିନ୍ତୁ ଏବେ ଗତକାଲି ହିଁ ଡ଼ସ୍‌କାରେ ରାସ୍ତା ତିଆରୀ କରିବା ଆଳରେ ନୋଟିସ୍ ଦେଲେ କି ଏତେ ଜମି ଆମେ ଅଧିକୃତ କରିବୁ ଏବଂ ବୁଲଡୋଜର୍ ଚଳାଇ ସମତଳ କରିବୁ । ସେମାନଙ୍କ କହିବାନୁଯାୟୀ ଏଥିରେ ମସଜିଦ୍‌ର ଗାଧୁଆଘରର ସ୍ୱଳ୍ପ ଅଂଶ ଆସୁଥିଲା କିନ୍ତୁ ଯେତେବେଳେ ବୁଲଡୋଜର୍ ନେଇ ଆସିଲେ ମୌଲବୀମାନଙ୍କ ଉତ୍ତେଜନାରେ ଆମର ସମ୍ପୂର୍ଣ୍ଣ ମସଜିଦ୍‌କୁ ହିଁ ଭାଙ୍ଗି ଶହିଦ୍ କରିଦେଲେ । ତାହା ଏକ ବହୁପୁରାତନ ମସଜିଦ୍ ଥିଲା, ଦେଶ ବିଭାଜନ ପୂର୍ବର । ସମ୍ଭବତଃ ତାହାକୁ ହଜରତ ଜଫରୁଲ୍ଲାଃ ଖାନ୍ ସାହେବ ନିର୍ମାଣ କରିଥିଲେ । ସେ ଯାହା ହେଉ ଆଜିକାଲି ଏହି ଖଳ ଓ ନିଷ୍ଠୁର ମୌଲବୀମାନେ ସୀମାଲଙ୍ଘି ଯାଇଛନ୍ତି । ଅଲ୍ଲାଃତାଲା ହିଁ ସେମାନଙ୍କର ଧରପଗଡ କରନ୍ତୁ ଏବଂ ତାଙ୍କ ଷଡଯନ୍ତ୍ର ତାଙ୍କରି ଉପରକୁ ଓଲଟାଇ ଦିଅନ୍ତୁ । ଏହି ଦୃଷ୍ଟିରୁ ଅହେମଦିମାନଙ୍କୁ ବିଶେଷ କରି ପାକିସ୍ତାନର ଅହେମଦିମାନଙ୍କୁ ବେଶ ଅଧିକ ଦୁଆ କରିବାର ଆବଶ୍ୟକତା ରହିଛି, ଏଥିପ୍ରତି ଧ୍ୟାନ ଦିଅନ୍ତୁ ।

ଏହିପରି ଫିଲିସ୍ତିନ୍ ସମ୍ପର୍କରେ ମଧ୍ୟ ଯେଉଁ ଚୁକ୍ତି ସାକ୍ଷର ହେଉଅଛି । କେହି କହୁଛନ୍ତି କି ତାହା ସମ୍ପନ୍ନ ହୋଇଗଲାଣି, ଆଉ କିଏ କହୁଛି ହୋଇ ନାହିଁ ଅଥବା ସନ୍ଧି କରିବା ପରେ ମଧ୍ୟ ବୋମାବର୍ଷଣ ହେଉଅଛି । କେତେକ ଲୋକ ଚୁକ୍ତି ସାକ୍ଷର ହେବାକୁ ନେଇ ଅତି ପ୍ରସନ୍ନଚିତ୍ତରେ ଆନନ୍ଦ ଓ ଉଲ୍ଲସିତ ହେଉଛନ୍ତି । କିନ୍ତୁ ସେମାନଙ୍କୁ ବୁଝିବା ଉଚିତ୍ ଯେ, ଏହି ପ୍ରବଞ୍ଚକମାନଙ୍କର କୌଣସି ଭରସା ନାହିଁ । କାରଣ ସେମାନେ କହନ୍ତି କିଛି, କରନ୍ତି ଆଉ କିଛି । ତେଣୁ ଏତେ ଖୁସି ହେବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ଦୁଆ କରିବାର ଆବଶ୍ୟକତା ରହିଛି ଏବଂ ମୁସଲମାନମାନଙ୍କୁ ବୁଦ୍ଧି ପ୍ରୟୋଗ କରି ନିଜ ଅଧିକାର ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲା ମୁସଲମାନ ସମ୍ପ୍ରଦାୟକୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଆମିନ୍ । ଖୁତ୍‌ବାର ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ତିନି ଜଣ ମୃତକ ଶ୍ରୀମାନ ଶେଖ୍ ମୁବାରକ ଅହେମଦ ସାହେବ (ନାଜିର୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦିୟା ରବଓ୍ୱା), ଶ୍ରୀମାନ ମୁହମ୍ମଦ ମୁନିର୍ ଅଦଲବି ସାହେବ କତର୍ ନିବାସୀ ଓ ଶ୍ରୀମାନ ଅବ୍‌ଦୁଲ ବାରୀ ତାରିକ୍ ସାହେବ (ଇନଚାର୍ଜ କମ୍ପୁଟର୍ ସେକଶନ୍ ଓ୍ୱକଫେ ଜଦିଦ୍ ରବଓ୍ୱା) ଆଦିଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** *** ***

Khulasa Khutba Juma Huzoor Anwar a.b.a

17th January 2025

*Translated to Odia by :* Moulavi Anwar Ahmad Khan